The Odisha Gazette

EXTRAORDINARY

PUBLISHED BY AUTHORITY

No. 1325 CUTTACK, THURSDAY, JULY 25, 2019/SRAVANA 3, 1941

## ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ

ଅଧିସୂଚନା

ତାରିଖ 6 ଜୁନ୍ 2019

No. 3376—L.A. Case No. 13/2018—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଭଦ୍ରକ ଜିଲ୍ଲାର ରେବ କପାଳି ଡ୍ରେନେଜ୍ ଚ୍ୟାନେଲର ସଂସ୍କାର ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା ମହୁରା, ଥାନା ଧାମନଗର, ତହସିଲ ଭଣ୍ଡାରିପୋଖରୀ ନଂ. ୨୪, ଜିଲ୍ଲା ଭଦ୍ରକରେ ନିମ୍ନ ତଫସିଲମତେ ପ୍ରାୟ ୦.୬୪ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜଳସେଚନ ପ୍ରକଳ୍ପ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ବନ୍ୟା ପ୍ରଭାବରୁ ରକ୍ଷାପାଇବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା 5380-R&DM., ତାରିଖ ୧୫ ଫେବ୍ରୁଆରୀ ୨୦୧୯ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ଧାରା ୮(୨)ରେ ଅନୁମୋଦନ ହୋଇଅଛି ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଭଦ୍ରକ ।

୬ । ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଭଦ୍ରକ | ଭଣ୍ଡାରିପୋଖରୀ | ମହୁରା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୧.୨୦ ଏକର | ୦.୬୪ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

## ଭୂମି ଅନୁସୂଚୀ

### ପ୍ରକଳ୍ପର ନାମ – ରେବ-କପାଳି ନଦୀ ସଂସ୍କାର

### ସା-ମହୁରା, ତହସିଲ-ଭଣ୍ଡାରିପୋଖରୀ, ଥାନା-ଧାମନଗର, ସଂ-୨୪, ଜିଲ୍ଲା-ଭଦ୍ରକ

| କ୍ର.ସଂ | ଖାତା ସଂ | ଖସଡ଼ା ସଂ | କିସମ | ମୋଟ ରକବା (ଏକରପ୍ରତି) | ଭୂ-ଅର୍ଜନ ରକବା (ଏକରପ୍ରତି) | ଖାତାରୟତଙ୍କର ନାମ ଓ ଠିକଣା |
|---|---|---|---|---|---|---|
| ୧ | ୧୦୭ | ୧୨୦ | ପତିତ | ୦.୦୮ | ୦.୦୫ | ଗୋବିନ୍ଦ ବେହେରା, ନନ୍ଦକିଶୋର ବେହେରା, ପିତା-ଅଇଁଠି ବେହେରା, ଜାତି-ଗୋପାଳ, ଗ୍ରାମ-ପରିଜିପୁର |
| ୨ | ୧୫୯ | ୧୨୧ | ପତିତ | ୦.୧୭ | ୦.୧୦ | ଦୁଖେଇ ବେହେରା, ପି-ମୁଳି ବେହେରା, ଜାତି-ଗୋପାଳ, ଗ୍ରାମ-ନିଜଗାଁ |
| ୩ | ୧୮୭ | ୧୨୨ | ପତିତ | ୦.୪୧ | ୦.୧୫ | ନାରାୟଣ ଚନ୍ଦ୍ର ଦାସ, ପି-ଜଗବନ୍ଧୁ |

| | | | | | | |
|---|---|---|---|---|---|---|
| | | | | | | ଓଗେର, ଜାତି-ଗୋପାଳ, ଗ୍ରାମ-ନିଜଗାଁ |
| ୪ | ୩୨୯ | ୧୧୯ | ପତିତ | ୦.୧୩ | ୦.୦୮ | ରକ୍ଷିଣଧର ବେହେରା ଓଗେର, ପି-ପଦ୍ମନାଭ, ଜାତି-ଗୋପାଳ, ଗ୍ରାମ-ପିରିଜିପୁର |
| | | **ଗୋଚର ପ୍ରତିବଦଳ** | | | | |
| ୬ | ୧୮୭ | ୧୨୨ | ପତିତ | ୦.୪୧ | ୦.୨୬ | ନାରାୟଣ ଚନ୍ଦ୍ର ଦାସ, ପି-ଜଗବନ୍ଧୁ ଦାସ, ଜାତି-ଗୋପାଳ, ଗ୍ରାମ-ନିଜର୍ଗା |
| | | | ମୋଟ | ୧.୨୦ | ୦.୬୪ | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଜ୍ଞାନ ରଞ୍ଜନ ଦାସ**

ଜିଲ୍ଲାପାଳ, ଭଦ୍ରକ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 655—173+15